# Akashvani, Sambalpur

## SAMBALPURI NEWS EVENING BULLETIN

**23 February 2025- 7.02 pm- 7.12 pm.**

********************************************

୧- ଦେଶ୍ ମହାକାଶ୍ ବିଜ୍ଞାନ୍‌ଥି ନୂଆଁ ଶିଖର୍‌ଥି ପୁହୁଁଚିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର୍ ସାଙ୍ଗେ କଲେ ଭାବ୍‌ବିନିମୟ ।

- ବନ୍ୟଜନ୍ତୁ ସୁରକ୍ଷା ଲାଗି ସଭେ ମିଶିକରି କାମ୍ କର୍‌ବାର୍ ଉପ୍‌ରେ ଦେଲେ ଜୋର୍ ।

୨- ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୧୯ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଆଏବା କାଏଲ୍ ବାଂଟ୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ଯକ୍ଷ୍ମାମୁକ୍ତ ଭାରତ୍ ଅଭିଯାନ୍‌କେ ଜନ୍ ଆନ୍ଦୋଲନ୍‌ର ରୂପ ଦେବାର୍‌କେ ଆହ୍ୱାନ୍ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ବିଜୟ ବାହାଦୁର୍ ସିଂ ଆର୍ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଥି ସମ୍ବଲ୍‌ପୁର୍ ଦଲ୍ ଚମ୍ପିଆନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ଦେଶ୍ ମହାକାଶ୍ ବିଜ୍ଞାନ୍‌ଥି ନୂଆଁ ଶିଖର୍‌ଥି ପୁହୁଁଚିବାର୍ ସହେତେ ଇସ୍ରୋର୍ ଶହେ ନମ୍ବର୍ ରକେଟ୍ ଉତ୍‌କ୍ଷେପଣ୍‌ର ସାକ୍ଷୀ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଗଲା ୧୦ ବଛର୍ ଭିତ୍‌ରେ ପାଖାପାଖି ୪ ଶହ ୬୦ ଟା ଉପଗ୍ରହ ମହାକାଶ୍‌କେ ଉତ୍‌କ୍ଷେପଣ୍ କରାଯାଇଛେ । ମହାକାଶ୍ କ୍ଷେତ୍ର ଯୁଆନ୍ ପିଢ଼ିକେ ଆକୃଷ୍ଟ କର୍‌ବାର୍ ସହେତେ ଇଥି ଷ୍ଟାର୍ଟଅପ୍ ଆର୍ ଘରୋଇ କମ୍ପାନୀମାନ୍‌କର୍ ଭାଗିଦାରିତା ବଢ଼ିଛେ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପିଏମ୍ ସ୍ପେସ୍)

ଭାରତ୍ କୃତ୍ରିମ ବୁଦ୍ଧିମତା ଏଆଇ କ୍ଷେତ୍ରଥି ବହୁତ୍ ଆଗ୍‌କେ ବଢ଼ିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ପୁର୍‌ଥି ନ ଦେଶ୍ ଏଆଇ କ୍ଷେତ୍ରଥି ଖାସ୍ ଜାଗା ବନେଇପାରିଛେ । ନୂଆଁ ଜ୍ଞାନ୍‌କୌଶଲ୍‌କେ ଅପ୍‌ନାବାର୍ ସହେତେ ଇତାକେ କାର୍ଯ୍ୟକାରୀ କର୍‌ବାର୍ ଦିଗେ ଦେଶ୍‌ବାସୀ ଆଗାଡ଼େ ଅଛନ୍ । ଫ୍ରାନ୍ସ ନ ହେଇଥିବା ଏଆଇ ଶିଖର୍ ସମ୍ମିଳନୀଥି ଭାରତ୍‌ର ଅଗ୍ରଗତିକେ ବିଶ୍ୱସ୍ତର୍‌ଥି ପ୍ରଶଂସା କରାଯାଇଛେ ।

ସେନ୍ତା ଆଏବା ୮ ତାରିଖ୍‌ଥି ଆନ୍ତର୍ଜାତିକ ମହିଲା ଦିବସ୍ ପାଲନ୍ ଅବ୍‌ସରେ ଭିନ୍ ଭିନ୍ କ୍ଷେତ୍ରଥି ସଫଲତା ପାଇଥିବା ମହିଲାମାନ୍‌କୁ ଗୁଟେ ଦିନ୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାମାଜିକ୍ ଗଣମାଧ୍ୟମ୍ ଏକାଉଂଟ୍ ବେଭାର୍ କର୍‌ବାର୍‌କେ ସୁଯୋଗ୍ ମିଲ୍‌ବା ବଲି ଶ୍ରୀ ମୋଦୀ କହିଛନ୍ ।

ଇଚ୍ଛୁକ ମହିଲାମାନେ ନମୋ ଆପ୍‌ଥି କରାହେଇଥିବା ଖାସ୍ ଫୋରମ୍ ଜରିଏ ନିଜର୍ କାମ୍ ଆର୍ ଅନୁଭୂତି ବାବ୍‌ଦେ ସୂଚ୍‌ନା ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ପିଏମ୍- ମହିଲା ଦିବସ୍)

ବନ୍ୟପ୍ରାଣୀ ସଂରକ୍ଷଣ୍ ଆର୍ ସୁରକ୍ଷା କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ କରିଥିବା ବ୍ୟକ୍ତିବିଶେଷଙ୍କର୍ ଅବଦାନ୍ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ କହିଛନ୍ । ଆଏବା ମାସ ପହେଲା ଆଡ଼୍‌କେ ବିଶ୍ୱ ବନ୍ୟପ୍ରାଣୀ ଦିବସ୍ ପାଲନ୍ କରାଯିବା । ବନ୍ୟଜନ୍ତୁ ସୁରକ୍ଷା ଲାଗି ସଭେ ମିଶିକରି କାମ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଜୋର୍ ଦେଇଛନ୍ । ଉତରାଖଣ୍ଡ ନ ହେଇଥିବା ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ବାବ୍‌ଦେ କହିକରି ପ୍ରଧାନ୍‌ମନ୍ତ୍ରୀ ଖେଲାଲୀ ଖୁଜ୍‌ବାର୍‌ଥି ଖେଲୋ ଇଣ୍ଡିଆ ଅଭିଯାନ୍‌ର ଚେରେଷ୍ଟା ବହୁତ୍ ଗୁରୁତ୍ୱପୂର୍ଣ୍ଣ ବଲି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଭିନ୍ ଭିନ୍ ଖେଲ୍‌ଥି ଶ୍ରେଷ୍ଠ ପ୍ରଦର୍ଶନ୍ ଲାଗି ଖେଲାଲୀମାନ୍‌କୁ ଖୋବ୍‌ଟେ ପ୍ରଶଂସା କରିଛନ୍ ।

ଇ ବଛର୍ ଚାଲୁଥିବା ବୋର୍ଡ୍ ପରୀକ୍ଷା ଲାଗି ଛାତ୍ରଛାତ୍ରୀମାନ୍‌କୁ ଚାପମୁକ୍ତ ହେଇକରି ନିଜର୍ ସର୍ବୋତମ୍ ପ୍ରଦର୍ଶନ୍ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଇଥର ଗୁଟେ ନୂଆଁ ଢଙ୍ଗେ ପରିବେଷିତ୍ ହେଇକରି ସମ୍‌କର୍‌ନୁ ଆଦୃତ ହେଇଥିଲା ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପିଏମ୍ ପରୀକ୍ଷାପେ ଚର୍ଚ୍ଚା)

ଜିଲ୍ଲା ମନ୍ କି ବାତ୍        ପୁରୀ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ମେଦ ବହୁଲତା ରୋଗ୍‌କେ ନେଇକରି ବହୁତ୍ ଜରୁରୀ କଥା କହିଛନ୍ । ସଶକ୍ତ ଆଉ ବର୍‌କସ୍ ଭାରତ୍ ଗଠନ୍‌କେ ନେଇକରି ସଭେ ସୁସ୍ଥ ଆଉ ନରୋଗ୍ ରହେବାର୍ ଦର୍‌କାର୍ ଆଉ ଇଥିର୍‌ଲାଗି ବ୍ୟାୟାମ୍ ସହେତେ କମ୍ ତେଲ୍ ଥିବା ଜିନିଷ୍ ଆର୍ ସନ୍ତୁଲିତ୍ ଖାଦ୍ୟ ଖାଏବାର୍ ଉପ୍‌ରେ ଜୋର୍ ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଇ ସ୍ୱାସ୍ଥ୍ୟ ସଚେତନତାମୂଲକ୍ ଅଭିଭାଷଣ୍‌କେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ୍ ପଟ୍ଟନାୟକ୍ ବହୁତ୍ ଜରୁରୀ ଆଏ ବଲି ମତ ରଖିଛନ୍ ।

ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନା ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାର ୧୯ ନମ୍ବର ଖେପ୍ ସାହାଜ୍ ଟଙ୍କା ବାଂଟବେ । ପ୍ରଧାନ୍‌ମନ୍ତ୍ରୀ ବିହାରର ଭାଗଲ୍‌ପୁର ନ ଗୁଟେ ଖାସ୍ କାର୍ଯ୍ୟକ୍ରମଥି ଯୋଗ୍ ଦେଇକରି ସାହାଜ୍ ଟଙ୍କା ଦେବେ । ଖାସ୍‌କରି ଗରିବ୍ ଚାଷୀମାନ୍‌କୁ ଲାଭ୍ ପୁହୁଁଚାବାର୍ ଲାଗି ମୁଲ୍ କରାଯାଇଥିବା ଇ ଯୋଜ୍‌ନାର୍ ଇ ଖେପେ ସାରା ଦେଶର୍ ପାଖାପାଖି ୯ ଦଶ୍‌ମିକ୍ ୮ କୋଟି ଚାଷୀଙ୍କୁ ୩ ଟା ଖେପେ ବଛର୍‌କ ୬ ହଜାର ଟଙ୍କା ସାହାଜ୍ ଦିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, ୨୦୧୯ ମସିହାଥି ପ୍ରଧାନ୍‌ମନ୍ତ୍ରୀ ଇ ଯୋଜ୍‌ନା ମୁଲ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ- ଉତର୍‌ପ୍ରଦେଶ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୩ ଦିନିଆ ଉତର୍‌ପ୍ରଦେଶ୍ ଗସ୍ତଥି ଯାଇଛନ୍ । ଗସ୍ତ ସମିଆଥି ଶ୍ରୀ ମାଝୀ ପ୍ରୟାଗ୍‌ରାଜ୍‌ର ତ୍ରିବେଣୀ ସଂଗମ୍ ନ ଚାଲିଥିବା ମହାକୁମ୍ଭଥି ବୁଡ଼୍ ପକେଇଛନ୍ । ଇତାର୍‌ଉତ୍‌ରୁ ସେ ଅଯୋଧ୍ୟା ଯାଇକରି ରାମ୍‌ଲାଲାଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ପୂଜାର୍ଚ୍ଚନା କର୍‌ବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର ୟୁନିଟ୍ ୫ ନଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବାକାଏଲ୍ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍ଫୁ ସୂଚ୍‌ନା ଦିଆଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲ୍‌ପୁର୍

ଜନଭାଗିଦାରୀଥି ହିଁ ଯକ୍ଷ୍ମା ମୁକ୍ତ ଭାରତ୍ ଲକ୍ଷ୍ୟ ହାସଲ୍ ହେଇପାର୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଅନୁଗୁଲ୍ ଜିଲ୍ଲା ନ ପ୍ରଧାନ୍‌ମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ୍ ଅଭିଯାନ୍ ଅଧୀନ୍‌ଥି ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ୍‌କେ ଆଏଜ୍ ଉଦ୍‌ଘାଟନ୍ କରିକରି ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଡିସେମ୍ବର୍ -୨୦୨୫ ତକ୍ ଜିଲ୍ଲାନୁ ଯକ୍ଷ୍ମା ରୋଗ୍‌କେ ଦୂର୍ କର୍‌ବାର୍ ଲାଗି ହେଲେ ଯକ୍ଷ୍ମାମୁକ୍ତ ଭାରତ୍ ଅଭିଯାନ୍‌କେ ଜନ ଆନ୍ଦୋଲନ୍‌ର ରୂପ୍ ଦେବାର୍‌କେ ହେବା । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ ଗୁଟେ ସଚେତନ୍‌ତା ରଥକେ ପତାକା ଦେଖେଇକରି ଶୁଭାରମ୍ଭ କର୍‌ବାର୍ ସହେତେ ଯକ୍ଷ୍ମାମୁକ୍ତ

ଭାରତ୍ ଅଭିଯାନ୍‌ଥି ଯୋଗ୍ ଦେବାର୍ ଲାଗି ସାଧାରଣ୍ ଲୁକ୍‌କୁ ଶପଥ୍ ପାଠ୍ କରେଇଥିଲେ ।

ଶ୍ରୀ ପ୍ରଧାନ୍ ଜିଲ୍ଲାର୍ ବଅଁର୍‌ପାଲ୍ ଠାନେ ଭିନ୍ ଭିନ୍ ବିକାଶ୍‌ମୂଲକ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଜିଲ୍ଲାଥି ଶିକ୍ଷା, ସ୍ୱାସ୍ଥ୍ୟ ଆର୍ ରୋଜ୍‌ଗାର୍ ବାଗିର୍ ଭିନ୍ ଭିନ୍ କ୍ଷେତ୍ରର୍ ବିକାଶ୍ ଲାଗି ୨ କୋଟିନୁ ଅଏତ୍‌କା ଟଙ୍କାର୍ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ ।

କେନ୍ଦ୍ରମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଚିଠି          ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲା କଂଟାମାଲ୍‌ନୁ ଅନୁଗୁଲ୍‌ର ଆଠ୍‌ମଲ୍ଲିକ୍ ଦେଇକରି ପୁରୀତକ୍ ଚାଲୁଥିବା ଓଏସ୍‌ଆର୍‌ଟିସି ବସ୍ ସେବାକେ ଫେର୍‌ଘାଏ ମୁଲ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଚିଠି ଜରିଏ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଅନୁରୋଧ୍ କରିଛନ୍ । ଗଲାମାସ ୨୮ ତାରିଖ୍‌ନୁ ଇ ବସ୍ ସେବା ବନ୍ଦ୍ ହେଇଥିବାର୍‌ନୁ ଭୁବ୍‌ନେଶ୍ୱର୍, କଟକ୍ ଆର୍ ପୁରୀ ଯିବାର୍ ଲାଗି ଇଲାକାର୍ ଲୁକେ ଆଉ ଛାତ୍ରଛାତ୍ରୀମାନେ ବହୁତ୍ ଅସୁବିଧା ଭୁଗୁଛନ୍ । ଲୁକ୍‌କର୍ ଯା'ଆସ୍‌ର ସୁବିଧାକେ ନଜର୍‌ଥି ରଖିକରି ବସ୍ ସେବାକେ ଫେର୍‌ଘାଏ ମୁଲ୍ କର୍‌ବାର୍ ଲାଗି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଚିଠିଥି କହିଛନ୍ ।

ଓସିଏ ସଭାପତି　　　ଆର୍‌ଏନ୍‌ୟୁ/ ସମ୍ବଲପୁର

ପଙ୍କଜ୍ ଲୋଚନ୍ ମହାନ୍ତି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଭାବେ ନିର୍ବାଚିତ୍ ହେଇଛନ୍ । ଆସୋସିଏସନ୍‌ର ସାଧାରଣ୍ ପରିଷଦ୍ ବୈଠକ୍‌ଥି ଆଏଜ୍ ଇ ଘୋଷ୍‌ନା କରାଯାଇଛେ । ଇଥିର୍‌ଲାଗି ନିର୍ବାଚନ୍ ପ୍ରକ୍ରିୟା ଗଲା ଜାନୁଆରୀ ୧୩ ତାରିଖ୍‌ନୁ ମୁଲ୍ ହେଇକରି ଇ ମାସର୍ ୧୫ ତାରିଖ୍‌ତକ୍ ଶେଷ୍ ହେଇଥିଲା ।

ପିଏମ୍ ଅଜୟ-ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ　　ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଚାଲିଥିବା ପିଏମ୍ ଅଜୟ ଯୋଜ୍‌ନାର୍ ହିତାଧିକାରୀମାନ୍‌କର୍ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଉଦ୍‌ଯାପିତ୍ ହେଇଯାଇଛେ । ପିଏମ୍ ଅଜୟ ଯୋଜ୍‌ନାଥି ଜିଲ୍ଲା ମଙ୍ଗଲ୍ କାର୍ଯ୍ୟାଳୟ ତର୍‌ଫୁ ତଫସିଲଭୁକ୍ତ ଜାତିର୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତା ଆର୍ ସଦସ୍ୟମାନ୍‌କୁ ଛେଲ୍ ପାଲନ୍ ଆଉ ପରିଚାଳନା ବାବ୍‌ଦେ ଦକ୍ଷତା ବୃଦ୍ଧିର୍ ତାଲିମ୍ ଦିଆଯାଇଥିଲା ।

ସକ୍ଷମ୍ ସାଇକ୍ଲୋଥନ       ସମ୍ବଲ୍‌ପୁର୍ ସମ୍ବାଦଦାତା

ଇନ୍ଧନ୍ ସଂରକ୍ଷଣ୍ ଆର୍ ପରିବେଶ୍ ସଚେତନତାକେ ତହଁକାବାର୍ ଲାଗି ଆଏଜ୍ ସକ୍ଷମ୍ ସାଇକ୍ଲୋଥନ୍-୨୦୨୫ ସମ୍ବଲ୍‌ପୁର୍ ନ ହେଇଯାଇଛେ । ନେତାଜୀ ସୁଭାଷ୍ ବୋଷ ମହାବିଦ୍ୟାଳୟର କାର୍ଯ୍ୟକ୍ରମ୍ ଅଧିକାରୀ ବିଶ୍ୱଜିତ୍ ମହାନ୍ତି ଆଉ ମାସୁଦ୍ ଆଲାମ୍ ପତାକା ଦେଖେଇକରି ସାଇକେଲ୍ ରେଲିର ଶୁଭାରମ୍ଭ କରିଥିଲେ । ଇ ସାଇକେଲ୍ ରେଲି ସମ୍ବଲ୍‌ପୁର୍‌ର ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ କଲେଜ୍‌ନୁ ମୁଲ୍ ହେଇକରି ସମ୍ବଲ୍‌ପୁର୍ ଜେଲ୍‌ଛକ୍ ନ ସରିଥିଲା ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍           ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଅନ୍ତଃଜିଲ୍ଲା ପଶ୍ଚିମ ଓଡ଼ିଶା ବିଜୟ ବାହାଦୁର୍ ସିଂ ଆର୍ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ -୨୦୨୫ ଥି ସମ୍ବଲ୍‌ପୁର୍ ଦଲ୍ ଚମ୍ପିଆନ୍ ହେଇଛେ । ସମ୍ବଲ୍‌ପୁର୍ ଦଲ୍ ସୁନ୍ଦର୍‌ଗଡ଼୍‌କେ ୫-୧ ଗୋଲ୍‌ଥି ହରେଇଥିଲା । ଉଦ୍‌ଯାପନୀ ସମାରୋହଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଜେତା ଦଲ୍‌କେ

ପୁରସ୍କୃତ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଟୁର୍ଣ୍ଣାମେଂଟ୍ ଗଲା ୧୫ ତାରିଖ୍‌ନୁ ମୁଲ୍ ହେଇଥିଲା ଆର୍ ଇଥି ରାଜ୍ୟର୍ ୧୦ ଟା ଜିଲ୍ଲାର୍ ଫୁଟ୍‌ବଲ୍ ଦଲ୍ ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ଆଏବା ୨ ଦିନ୍‌ତକ୍ ବର୍ଷା ସାଙ୍ଗେ କୋହଲା ପାଗ୍ ରହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସୂଚ୍‌ନା ଦେଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସାଙ୍ଗେ ଜବର୍ ବର୍ଷା ହେବା ବଲି ମୟୁର୍‌ଭଞ୍ଜ୍, କେନ୍ଦୁଝର୍ ଆର୍ ବାଲେଶ୍ୱର୍ ଜିଲ୍ଲାକେ ସତର୍କ କରାଯାଇଛେ । ଆଏବା ୫ ଦିନ୍ ତକ୍ ରାଜ୍ୟର୍ ସବୁନୁ କମ୍ ତାପମାତ୍ରାଥି ବିଶେଷ୍ ପରିବର୍ତନ୍‌ର ସମ୍ଭାବନା ନାଇଁନ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।